# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**9th November - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ସୁନ୍ଦରଗଡ଼ରେ ଆସନ୍ତା ୨୪ ତାରିଖରେ ସୁଭଦ୍ରା ଯୋଜନାର ତୃତୀୟ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ ନେଇ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସୂଚନା।
- ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ୟୁଜିସି ପକ୍ଷରୁ ମାର୍ଗଦର୍ଶିକା ଜାରି।
- ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ନିରନ୍ତର ଭାବେ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ଯୋଗାଇବା ନେଇ ବିଭାଗୀୟ ଶାସନ ସଚିବଙ୍କ ନିର୍ଦ୍ଦେଶ।

ଏବଂ

- ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସ୍ତରରେ ଅଦଳବଦଳ କଲେ ରାଜ୍ୟ ସରକାର।

***BBSR***

## ସୁଭଦ୍ରା ଯୋଜନା

ସୁନ୍ଦରଗଡ଼ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆସନ୍ତା ୨୪ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରାଯିବ। ଏଥିରେ ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଖାତାକୁ ଏହି ଅର୍ଥରାଶି ଡିବିଟି ମାଧମରେ ହସ୍ତାନ୍ତର କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏହି ଯୋଜନାରେ ୨ ଲକ୍ଷ ୬୭ ହଜାର ଆବେଦନକୁ ଅଗ୍ରାହ୍ୟ କରାଯାଇଛି। ଆବେଦନପତ୍ରରେ ରହିଥିବା ତ୍ରୁଟି ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ତାଲିକା ଜିଲ୍ଲାପାଳଙ୍କ ଜରିଆରେ ବ୍ଲକଗୁଡ଼ିକୁ ପଠାଯାଇଛି। ଆଧାରକାର୍ଡ ଏବଂ ବ୍ୟାଙ୍କ ତ୍ରୁଟି ସଂଶୋଧିତ ହେଲେ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ରାଶି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ନଚେତ୍ ସେହି ରାଶି ଚତୁର୍ଥ ପର୍ଯ୍ୟାୟରେ ପ୍ରଦାନ କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ସୁଫଳ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

***Desk***

## ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ଲାଷ୍ଟିକ ବର୍ଜନ

ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଏ ନେଇ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଓ କଲେଜ ଅଧ୍ୟକ୍ଷଙ୍କୁ ପତ୍ର ଲେଖାଯାଇଛି। କଲେଜ କ୍ୟାଣ୍ଟିନ୍ ଛାତ୍ରାବାସକୁ ଏକକ ବ୍ୟବହାର ପ୍ଲାଷ୍ଟିକ ଆଣିବା ଉପରେ କଟକଣା ଜାରି କରିବାକୁ ପରାମର୍ଶ ଦିଆଯାଇଛି।

ସେହିଭଳି ପ୍ଲାଷ୍ଟିକ ବୋତଲ ବଦଳରେ ଅନ୍ୟ ଧାତୁର ବୋତଲ ବ୍ୟବହାର କରିବାକୁ କୁହାଯାଇଛି । ଛାତ୍ରଛାତ୍ରୀମାନଙ୍କୁ ଏ ଦିଗରେ ସଚେତନ କରାଇବା ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶାବଳୀରେ କୁହାଯାଇଛି । ଏ ବିଷୟ ଉପରେ ଛାତ୍ରଛାତ୍ରୀ, ଅଧ୍ୟାପକଙ୍କୁ ନେଇ ସେମିନାର, କର୍ମଶାଳା ଏବଂ ସଚେତନତା ଯାତ୍ରା ଅନୁଷ୍ଠିତ କରିବାକୁ ୟୁଜିସି ପକ୍ଷରୁ କୁହାଯାଇଛି । ଛାତ୍ରଛାତ୍ରୀମାନେ ଯେପରି ନିଜ ଘରେ ମଧ୍ୟ ପ୍ଲାଷ୍ଟିକ୍ ବ୍ୟବହାର ନ କରିବେ ତା'ଉପରେ ସେମାନଙ୍କୁ ସଚେତନ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ଶିକ୍ଷାନୁଷ୍ଠାନ ପ୍ଲାଷ୍ଟିକ୍‌ମୁକ୍ତ ଭାରତ ଗଠନ ପାଇଁ ଉନ୍ନତ ଭାରତ ଅଭିଯାନରେ ଗୋଟିଏ ଲେଖାଏଁ ଗ୍ରାମକୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି, ସେଠାରେ ସେମାନେ ନିୟମିତ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବେ ବୋଲି ପରାମର୍ଶ ଦିଆଯାଇଛି ।

***I&PR***

## ମଧ୍ୟାହ୍ନ ଭୋଜନ ନିମନ୍ତେ ସମୀକ୍ଷା ବୈଠକ

ରାଜ୍ୟର ସମସ୍ତ ଜିଲ୍ଲାରେ ପୁଷ୍ଟିକର, ନିରାପଦ ଓ ନିରନ୍ତର ମଧ୍ୟାହ୍ନ ଭୋଜନ ପ୍ରଦାନ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବିଭାଗୀୟ ଶାସନ ସଚିବ ଶାଳିନୀ ପଣ୍ଡିତ ବୈଠକରେ ପୋଷଣୀୟ ଚାଉଳ ଓ ଉନ୍ନତ ମାନର ଖାଦ୍ୟସାମଗ୍ରୀ ବ୍ୟବହାର କରିବା ତଥା ନିରନ୍ତର ଭାବେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇବା ପାଇଁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ କୌଣସି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନ ବନ୍ଦ ନ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସୂଚନା ଅନୁସାରେ ପିଏମ୍ ପୋଷଣ ଯୋଜନାରେ ସମସ୍ତ

ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି ।

***BBSR***

## ପ୍ରତି ବ୍ଲକ୍‌ରେ ଓମ୍‌ଫେଡ ବିକ୍ରୟକେନ୍ଦ୍ର ପ୍ରତିଷ୍ଠା

ଗ୍ରାମାଞ୍ଚଳରେ ବୃଦ୍ଧି ପାଉଥିବା ଓମ୍‌ଫେଡ୍‌ର ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରତି ବ୍ଲକରେ ଓମ୍‌ଫେଡ୍ ବିକ୍ରୟକେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ ବୋଲି ପଶୁ ଓ ମତ୍ସ୍ୟସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ମନ୍ଦିରଗୁଡ଼ିକରେ ଓମ୍‌ଫେଡ ଘିଅର ବ୍ୟବହାରକୁ ନିଶ୍ଚିତ କରିବା ଲାଗି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଗୋଧନ ସଂରକ୍ଷଣ ନେଇ ସରକାର ପ୍ରତିଶ୍ରୁତିବଦ୍ଧ । ସେ କହିଛନ୍ତି ରାଜ୍ୟରେ କାମଧେନୁ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଯୋଜନା ଅଧୀନରେ ଗୋସମ୍ପଦର ସୁରକ୍ଷା, ବଂଶବୃଦ୍ଧି, ଦୁଗ୍ଧ ଉତ୍ପାଦନ ବୃଦ୍ଧି ଏବଂ ଜୈବିକ ସାର ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରାଯିବ । ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି । ଏଥିରେ ୫ ଜଣ ମନ୍ତ୍ରୀ ଓ ସଚିବ ସଦସ୍ୟ ରହିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି । କାମଧେନୁ ଯୋଜନା ପାଇଁ ୧ ହଜାର ୪୨୩ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି । ଗୋଚାଲାଣକାରୀ ଏବଂ ଗୋହତ୍ୟାରେ ସାମିଲ ଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ସତର୍କ କରାଇ ଦେଇଛନ୍ତି ।

***I&PR***

## ଆଇଏଏସ୍ ସ୍ତରରେ ଅଦଳବଦଳ

ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କ ସ୍ତରରେ ଅଦଳବଦଳ କରିଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କୁ ଓଡ଼ିଶା ବନବିକାଶ ନିଗମର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ବିଶାଲ୍ ଦେବଙ୍କୁ ଶକ୍ତି ବିଭାଗର ମୁଖ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଭାସ୍କରଜ୍ୟୋତି ଶର୍ମାଙ୍କୁ ଓପିଟିସିଏଲ୍‌ର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ସଞ୍ଜୟ କୁମାର ସିଂଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମୁଖ୍ୟ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । କେନ୍ଦ୍ର ଡେପୁଟେସନ୍‌ରୁ ଫେରିବା ପରେ ଗିରିଶ ଏସ୍.ଏନ୍.ଙ୍କୁ ପଞ୍ଚାୟତିରାଜ ବିଭାଗର କମିଶନର ତଥା ସଚିବ ଭାବେ ଅବସ୍ଥାପିତ କରାଯାଇଛି । ଗୁହା ତାପସ କୁମାରଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର କମିଶନର ତଥା ସଚିବ ଭାବେ ବଦଳି କରାଯାଇଛି ।

***I&PR***

## ବିମାନ ଚାଳନାରେ ମହିଳାଙ୍କୁ ଅଧିକ ପ୍ରୋତ୍ସାହନ

ବିମାନ ଚାଳନା କ୍ଷେତ୍ରରେ ମହିଳାମାନଙ୍କୁ ଅଧିକ ପ୍ରୋତ୍ସାହିତ କରାଯିବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ଭୁବନେଶ୍ୱର ରମାଦେବୀ ବିଶ୍ୱବିଦ୍ୟାଳୟରେ ବିମାନ ଚାଳନା କ୍ଷେତ୍ରରେ ମହିଳାଙ୍କ ପ୍ରବେଶ ନେଇ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଜେନା ରାଜ୍ୟରେ ବହୁସଂଖ୍ୟାରେ ମହିଳା ବୈମାନିକ ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି

ବିମାନ ଚାଳନା ପାଇଁ ମହିଳାଙ୍କ ଲାଗି ଆକାଶ ସୀମିତ ନୁହେଁ ବରଂ ଆରମ୍ଭ ମାତ୍ର । ପାରମ୍ପାରିକ ଲିଙ୍ଗଗତ ବୈଷମ୍ୟ ଦୂରକରି ଏ କ୍ଷେତ୍ରରେ ମହିଳାଙ୍କ ଅଧିକ ପ୍ରବେଶ ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି । ଏଥିରେ ଛାତ୍ରୀମାନଙ୍କୁ ବିମାନ ଚାଳନା କ୍ଷେତ୍ରରେ ଦକ୍ଷତା ବିକାଶ କ୍ଷେତ୍ରୀୟ ଜ୍ଞାନ ଓ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ନେଇ ସଚେତନ କରାଯାଇଥିଲା । ସୂଚନା ଅନୁସାରେ ଢେଙ୍କାନାଳ ଜିଲ୍ଲା ବିରାଶାଳଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହେଉଥିବା ବିମାନ ଚାଳନା କେନ୍ଦ୍ରକୁ କ୍ରିୟାଶୀଳ କରିବା ଲକ୍ଷ୍ୟରେ ସେଠାରେ ବିସ୍ତୃତ ବିମାନ ଚାଳନା ତାଲିମ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ।

*Nayagarh, Boudh, Kalahandi, Khordha, Bolangir*

## ଜାତୀୟ ଆଇନ ସେବା ଦିବସ ପାଳନ

ଜାତୀୟ ଆଇନ ସେବା ଦିବସ ଆଜି ପାଳନ କରାଯାଉଛି । ଆଇନଗତ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ୧୯୮୭ ମସିହାରେ ଜାତୀୟ ଆଇନ ସହାୟତା ଅଧିନିୟମ ପ୍ରଣୀତ ହୋଇଥିଲା । ସେହିବର୍ଷ ଅକ୍ଟୋବର ୧୧ ତାରିଖରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା । ୧୯୯୫ ମସିହା ନଭେମ୍ବର ୯ ତାରିଖରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା । ଆଇନଗତ ଅଧିକାର ସମ୍ପର୍କରେ ଲୋକଙ୍କୁ ପ୍ରୋତ୍ସାହନ ପ୍ରଦାନ ପାଇଁ ଆଜି ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି ।

ନୟାଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଜି ଜିଲ୍ଲା ଦୌରାଜଜ୍ ଅଦାଲତ ପରିସରରୁ ଜିଲ୍ଲା ମୁଖ୍ୟ ଟ୍ରାଫିକ ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ସହ ଏକ ପଥପ୍ରାନ୍ତ ନାଟକ ଆୟୋଜିତ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସାନଗୋଛାପଡ଼ା, ବଘିଆପଡ଼ାଠାରେ ଏହି ଦିବସ ପାଳନ କରାଯାଇଛି । ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ପଦଯାତ୍ରା ଆୟୋଜନ କରାଯାଇଛି ।

କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଏହି ଦିବସକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସାଧାରଣ ଜନତା କିଭଳି ଆଇନ ସହାୟତା ପାଇପାରିବେ ସେ ନେଇ ସଚେତନ କରାଯାଇଥିଲା ।

ସେହିପରି ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟି ନନ୍ଦପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍ ଆଇନସେବା ଅଧିକାର ଉପରେ ଆଲୋକପାତ କରିଥିଲେ ।

ବଲାଙ୍ଗୀର ଜିଲ୍ଲା ଗୋପୀନାଥ ମହାବିଦ୍ୟାଳୟ ସାହାଜବାହାଲଠାରେ ଜାତୀୟ ଆଇନ ସେବା ଦିବସ କାର୍ଯ୍ୟକ୍ରମରେ ନିଃଶୁଳ୍କ ଆଇନସେବା ଉପରେ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଡକ୍ଟର ପବିତ୍ର ମୋହନ ସାମଲ ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

***Puri***

## ଅଁଳାନବମୀରେ ରାଧାପାଦ ଦର୍ଶନ

ପୁରୀ ସତ୍ୟବାଦୀ ସାକ୍ଷୀଗୋପୀନାଥ ମନ୍ଦିରରେ ଆସନ୍ତାକାଲି ପବିତ୍ର ଅଁଳା ନବମୀ ପାଳନ ଅବସରରେ ଶ୍ରୀରାଧାଙ୍କ ପାଦଦର୍ଶନ ନୀତି ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ ଶ୍ରୀରାଧା ଓଡ଼ିଆଣୀ ବେଶରେ ଦର୍ଶନ ଦେବେ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି। ଉଚ୍ଚ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇ ଉତ୍ସବ ସ୍ଥଳୀ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯିବାର ବ୍ୟବସ୍ଥା ହୋଇଛି। ପୁରୀ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ସୁବ୍ୟବସ୍ଥିତ ଦର୍ଶନ ପାଇଁ ମନ୍ଦିର ସମ୍ମୁଖରେ ବ୍ୟାରିକେଡ୍ ନିର୍ମାଣ ହୋଇଛି। ମନ୍ଦିରରେ ଠାକୁରଙ୍କର ଦର୍ଶନ, ପୂଜାର୍ଚ୍ଚନା ଏବଂ ଶ୍ରଦ୍ଧାଳୁଙ୍କ ବେଢ଼ା ପରିକ୍ରମା ନେଇ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ କର୍ମକର୍ତ୍ତାଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିବା ସେ ସୂଚନା ଦେଇଛନ୍ତି।

***Bhadrak***

## ଭଦ୍ରକରେ ଉର୍ସ ସମାରୋହ

ଭଦ୍ରକ ଜିଲ୍ଲା ଧାମନଗରସ୍ଥିତ ଖାନକା ସରିଫ ପରିସରରେ ବିଶିଷ୍ଟ ଧର୍ମଗୁରୁ ପୀରବାବା ହଜରତ ମୁଜାହିଦ ଏ ମିଲତଙ୍କ ୪୫ତମ ସର୍ବଭାରତୀୟ ଉର୍ସ ସମାରୋହ ଆଜି ଉଦ୍‌ଯାପିତ ହେଉଛି। ରାଜ୍ୟ ତଥା ଦେଶବିଦେଶର ବହୁ ଶ୍ରଦ୍ଧାଳୁ ଏହି ସମାବେଶରେ ଯୋଗଦେଇ ନମାଜ ପାଠ, କୋରାନ ପାଠ, ସାମୂହିକ ପ୍ରାର୍ଥନା କରିବା ସହ ପୀରବାବାଙ୍କ ଉପରେ ଚାଦର ଚଢ଼ାଇ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ

ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲାପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।